Oriyamusic.com
[Promoting the music of Orissa]

# <u>ଶ୍ରୀ ମନ୍ଦିରେ ଯାଇ ଶ୍ରୀ ଜଗନ୍ନାଥଙ୍କୁ</u>

ଶ୍ରୀ ମନ୍ଦିରେ ଯାଇ ଶ୍ରୀ ଜଗନ୍ନାଥଙ୍କୁ ମାଗିବି କି ଅବା ଆଉ --୨
ମୋ ଜୀବନ ପଛେ ନର୍କେ ପଡିଥାଉ --୨
ଜଗତ ଉଦ୍ଧାର ହେଉ
ମହାବାହୁ ଜଗତ ଉଦ୍ଧାର ହେଉ
ଶ୍ରୀ ମନ୍ଦିରେ ଯାଇ ଶ୍ରୀ ଜଗନ୍ନାଥଙ୍କୁ ମାଗିବି କି ଅବା ଆଉ  ମାଗିବି କି ଅବା ଆଉ

ପାପ ଆଉ ପୁଣ୍ୟ ଏ ଜଗତେ ଭରା ମାୟା ମୋହ ଏଠି ସବୁ ତ ଅସରା --୨
କି ଭିକ୍ଷା  କରିବି ତାଙ୍କ ଶ୍ରୀ ଚରଣେ -- (୨) ତାଙ୍କୁ କି ଅଜଣା ଆଉ
ମାଗିବି କି ଅବା ଆଉ ମହାବାହୁ ଜଗତ ଉଦ୍ଧାର ହେଉ

ତାଙ୍କ ହାତ ଗଢା ଏ ସାରା ସଂସାର ନ ପାରନ୍ତି ଯେବେ କରି ସେ ଉଦ୍ଧାର --୨
ଏକା ବସିଥାନ୍ତୁ ରତ୍ନ ସିଂହାସନେ --୨ ଏ ଜଗତ ଭାସିଯାଉ
ମାଗିବି କି ଅବା ଆଉ ମହାବାହୁ ଜଗତ ଉଦ୍ଧାର ହେଉ
ଶ୍ରୀ ମନ୍ଦିରେ ଯାଇ ଶ୍ରୀ ଜଗନ୍ନାଥଙ୍କୁ ମାଗିବି କି ଅବା ଆଉ --୨
ମୋ ଜୀବନ ପଛେ ନର୍କେ ପଡିଥାଉ --୨ ଜଗତ ଉଦ୍ଧାର ହେଉ
ମହାବାହୁ ଜଗତ ଉଦ୍ଧାର ହେଉ ଜଗତ ଉଦ୍ଧାର ହେଉ ଜଗତ ଉଦ୍ଧାର ହେଉ

-----------------

*ସୌଜନ୍ୟ - ଶ୍ରୀମତୀ ନମିତା ସାହୁ, ଅଷ୍ଟ୍ରେଲିଆ*

WWW.ORIYAMUSIC.COM